# ଓଡିଶାରେ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍, ୨୦୦୫ -ଏକ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ପତ୍ର

## ପୃଷ୍ଠଭୂମି

ଜାତୀୟ ଗ୍ରାମାଞ୍ଚଳ କର୍ମ ନିଯୁକ୍ତି ଗ୍ୟାରେଣ୍ଟି ଆଇନ୍ -୨୦୦୫ ସଂସଦରେ ଗୃହୀତ ହୋଇ ୫ସେପ୍ଟେମ୍ବର ୨୦୦୫ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା । ଏହି ଆଇନ୍‌ର ଧାରା ୧(୩) ଅନୁଯାୟୀ ପ୍ରାରମ୍ଭ ତାରିଖଠାରୁ ୫ବର୍ଷ ଭିତରେ କେବଳ ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡ଼ି ଦେଶର ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରାଞ୍ଚଳକୁ ଏହା ପରିବ୍ୟାପ୍ତ ହେବ । ଅନ୍ୟ କେତେକ ରାଜ୍ୟ ଭଳି ଓଡିଶାରେ ଏହି ଆଇନ୍ ୨ଫେବୃୟାରୀ ୨୦୦୬ଠାରୁ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ପ୍ରଥମେ ରାଜ୍ୟର ୧୯ଟି ଓ ପରେ ୫ଟି ଜିଲ୍ଲାରେ ଏହା କାର୍ଯ୍ୟକାରିତା ଲାଭ କରିଛି । ଆଇନ୍‌ର ଧାରା ୪ ଅନୁଯାୟୀ ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟସରକାର ଆଇନ୍‌ର ପାରମ୍ଭ ଠାରୁ ୬ମାସ ଭିତରେ, ଅର୍ଥାତ ୨ ଅକ୍ଟୋବର ୨୦୦୬ ସୁଦ୍ଧା ଏକ ସ୍କିମ୍ ବା ଯୋଜନା ପ୍ରସ୍ତୁତ କରିବେ ନଚେତ୍ ଏହି ଆଇନ୍‌ର ଉଦ୍ଦେଶ୍ୟାର୍ଥେ ପୂର୍ବ ପ୍ରଚଳିତ ଯୋଜନା ଯଥା ଏସ୍.ଜି.ଆର.ୱାଇ ବା ଏନ୍.ଏଫ୍.ଏଫ୍.ଡବ୍‌ଲିଉ.ପି. ଅଧୀନରେ ଏହାର କାର୍ଯ୍ୟକ୍ରମ ଗୁଡ଼ିକ ନିଆଯିବ । ଓଡିଶା ସରକାର ଉପରୋକ୍ତ ତାରିଖ ଭିତରେ ସଂପୃକ୍ତ ଯୋଜନାକୁ ପ୍ରଣୟନ-ପୂର୍ବକ ଯଥାବିଧି ବିଜ୍ଞପ୍ତି କରିନଥିବାରୁ ପ୍ରାୟ ୧୦ମାସ ଧରି ବିକଳ୍ପ ରୀତିରେ ଆଇନ୍ ଅଧୀନସ୍ଥ କାର୍ଯ୍ୟକ୍ରମଗୁଡ଼ିକ ଚାଲୁରହିଲା । ପରିଶେଷରେ ଓଡିଶା ସରକାର ୧୬ଡିସେମ୍ବର ୨୦୦୬ରେ ସେହି ଯୋଜନାକୁ ଗେଜେଟ୍‌ରେ ବିଜ୍ଞପ୍ତି କଲେ, ଯଦିଓ ଆବଶ୍ୟକୀୟ ସରକାରୀ ପ୍ରଚାରପ୍ରସାର ଅଭାବରୁ ଏହାର ପ୍ରାବ୍‌ଧାନ ଗୁଡ଼ିକ ବିଷୟରେ ଗ୍ରାମଞ୍ଚଳର ଲୋକେ ଏପର୍ଯ୍ୟନ୍ତ ସଚେତନ ହୋଇ ପାରିନାହାନ୍ତି । ଏହା ବ୍ୟତୀତ ଆଇନ୍‌ର ଧାରା ୩୨ଅନୁଯାୟୀ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଗତ ୧ମେ ୨୦୦୭ରେ ରାଜ୍ୟ ନିୟମାବଳୀକୁ ବିଜ୍ଞପ୍ତି କରିଛନ୍ତି, ଯେଉଁଥିରେ କି ରାଜ୍ୟ କର୍ମନୁଯିକ୍ତି ଗ୍ୟାରେଣ୍ଟି ପରିଷଦ ଓ ପାଣ୍ଠିର ପରିଚାଳନା ସଂବନ୍ଧରେ ସବିଶେଷ ବ୍ୟବସ୍ଥାମାନ ଘୋଷିତ ହେବା କଥା । କିନ୍ତୁ ବଡ ଉଦ୍‌ବେଗର ବିଷୟ, ଧାରା୧୨ଅନୁଯାୟୀ ଯେଉଁ ପରିଷଦ ଗଠିତ ହେବା କଥା, ତାହା ଉପରୋକ୍ତ ନିୟମାବଳୀରେ ସ୍ଥାନିତ ହୋଇପାରିନି । ପୁଣି ଇତିମଧ୍ୟରେ ଧାରା ୬(୨) ଅନୁଯାୟୀ ରାଜ୍ୟସରକାର ଏହି ଆଇନ୍ ଅଧୀନରେ ପ୍ରଯୁଜ୍ୟ ମଜୁରି ହାରକୁ ଗତ ୨୮ ଅପ୍ରେଲ ୨୦୦୭ ତାରିଖରେ ଗେଜେଟ୍‌ରେ ବିଜ୍ଞପ୍ତି-ପୂର୍ବକ ବୃଦ୍ଧି କରିଛନ୍ତି । କିନ୍ତୁ ତଦାରଖକାରୀ ପରିଷଦ ନଥିବାରୁ ତଥା ଲୋକଙ୍କ ସଚେତନତାର ଅଭାବ ଯୋଗୁଁ ଏହି ବର୍ଦ୍ଧିତ ମଜୁରିହାର ଏପର୍ଯ୍ୟନ୍ତ ସବୁଜାଗାରେ କାର୍ଯ୍ୟକାରୀ ହୋଇପାରିନି ।

କିନ୍ତୁ ଆଶ୍ୱାସନାର କଥା, କେନ୍ଦ୍ରସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ସବୁ ରାଜ୍ୟ ଓ କେନ୍ଦ୍ରାଅଞ୍ଚଳରେ ଏହି ଆଇନ୍‌ର ସଫଳ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରକାଶ କରିଛନ୍ତି, ଯାହାକୁ ସମସ୍ତେ ମାନିଚଳିବା ବାଞ୍ଛନୀୟ ତଥା ଯାହାକୁ ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୀତ ସ୍କିମ୍ (ଯୋଜନା)ର ଧାରା ୨(୧ଡି)ରେ ମଧ୍ୟ ମାନ୍ୟତା ପ୍ରଦାନ କରାଯାଇଛି ।

**ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟସମୂହ-**

୧. ଗ୍ରାମାଞ୍ଚଳରେ ବାସବାସ କରୁଥିବା ଯେଉଁସବୁ ପରିବାରର ସାବଳକ ସଦସ୍ୟମାନେ ଅଣକୁଶଳୀ ଶାରୀରିକ ଶ୍ରମ କରିବାକୁ ଇଚ୍ଛୁକ ଥିବେ, ସେଭଳି ପ୍ରତି ପରିବାରକୁ ପ୍ରତି ଆର୍ଥିକ ବର୍ଷରେ ଅନ୍ୟୁନ ୧୦୦ଦିନର କର୍ମ ନିଯୁକ୍ତିର ଗ୍ୟାରେଣ୍ଟି ପ୍ରଦାନ କରିବା ;

୨. ଗ୍ରାମଞ୍ଚଳ ଲୋକମାନଙ୍କ ଜୀବନଜୀବିକାର ନିରାପତ୍ତା ଓ ମାନର ଅଭିବୃଦ୍ଧି ଘଟାଇବା ;

୩. ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ସମ୍ପଦସମୂହ ସୃଷ୍ଟି କରିବା ;

୪. ଗ୍ରାମାଞ୍ଚଳର ମହିଳାମାନଙ୍କ ସଶକ୍ତୀକରଣ ତଥା ସାମାଜିକ ସମତାକୁ ଆଗେଇ ନେବା ; ତଥା

୫. ଦାଦନ ଶ୍ରମର ପ୍ରବଣତାକୁ ରୋକିବା ।

***(ଦ୍ରଷ୍ଟବ୍ୟ: କେନ୍ଦ୍ର ସରକାରଙ୍କ ଗ୍ରାମଞ୍ଚଳ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏନ୍.ଆର୍.ଇ.ଜି.ଏ. କ୍ରିୟାନ୍ୱୟନ ମାର୍ଗଦର୍ଶିକାର ଅନୁଚ୍ଛେଦ ୧.୧)***

**ଏହି ଆଇନ୍ ଅଧୀନରେ କିଏ କାମ ପାଇପାରିବେ ?**

- ✓ ଗୋଟିଏ ପଞ୍ଚାୟତରେ ବାସ କରୁଥିବା ପ୍ରତି ପରିବାର (ପରିବାରର ସମସ୍ତ ସାବାଳକ ବ୍ୟକ୍ତି), ଯେ କି ଅଣକୁଶଳୀ ଶାରୀରିକ ଶ୍ରମ କରିବାକୁ ଇଚ୍ଛୁକ ଥିବେ, ସେମାନେ ଗୋଟିଏ ଆର୍ଥିକ ବର୍ଷ ଭିତରେ ଏହି ଆଇନ୍ ଅନୁଯାୟୀ ପ୍ରଣୀତ ଯୋଜନା ଅଧୀନରେ ଅନ୍ୟୁନ ୧୦୦ଦିନର କାମ ପାଇବାକୁ ହକ୍‌ଦାର ହେବେ । ***[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୩(୧)]***
- ✓ ଯେଉଁମାନେ ଏକ ଆର୍ଥିକ ବର୍ଷ ଭିତରେ ସରକାରଙ୍କ ଅନ୍ୟ କୌଣସି ଯୋଜନା ଅଧୀନରେ ଅନ୍ୟ କୌଣସି କାମ ପାଇଥିବେ, ସେମାନେ ମଧ୍ୟ ଏହି ଆଇନ୍ ଅଧୀନରେ ଅନ୍ୟୁନ ୧୦୦ଦିନର କାମ ପାଇବାକୁ ହକ୍‌ଦାର ହେବେ ।
- ✓ ଅନ୍ୟୁନ ଏକ-ତୃତୀୟାଂଶ ହିତାଧିକାରୀ ମହିଳା ରହିବେ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୧ର ବିନ୍ଦୁ-୬)***
- ✓ ଜଣେ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଏଥିରେ କାମ ପାଇପାରିବେ ଓ ସେ କରିପାରିଲା ଭଳି କାମ ତାଙ୍କୁ ଦିଆଯିବ ।***(ଦ୍ରଷ୍ଟବ୍ୟ:ଏନ.ଆର୍.ଇ.ଜି.ଏ. କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୪.୬.୧୦)***
- ✓ ହିତାଧିକାରୀଙ୍କ ବୟସର ସୀମା ନାହିଁ । ବୟସ୍କ ଓ ମହିଳାମାନଙ୍କୁ ସେମାନଙ୍କ ଘର ନିକଟରେ କାମ ଯୋଗାଇଦେବା ସକାଶେ ପ୍ରୟାସ କରାଯିବ । ***(ଦ୍ରଷ୍ଟବ୍ୟ: ଏନ୍.ଆର୍.ଇ.ଜି.ଏ. କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୪.୬.୨)***

## ଏହି ଆଇନ୍ ଅଧୀନରେ ଗୋଟିଏ ପରିବାର କେତେ ଦିନର କାମ ପାଇବେ ?

- ✓ ଏଥିରେ ଗୋଟିଏ ପରିବାରକୁ ଗୋଟିଏ ଆର୍ଥିକ ବର୍ଷକ ଭିତରେ ଅତି କମ୍‌ରେ ୧୦୦ଦିନର କାମ ଯୋଗାଇ ଦିଆଯିବ । *[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୩(୧)]*
- ✓ ଏହି ୧୦୦ ଦିନର କାମକୁ ପରିବାରର ଜଣେ କରିପାରନ୍ତି ବା ସମସ୍ତେ ମିଶି ପୂରଣ କରିପାରନ୍ତି । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ ୫)*
- ✓ ସମ୍ଭବ ହେଲେ ଗୋଟିଏ ପରିବାରକୁ ସର୍ବନିମ୍ନ ୧୦୦ ଦିନରୁ ଅଧିକ କାମ ଦିଆଯାଇପାରେ । *[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୩(୪)]*
- ✓ ଅତିକମ୍‌ରେ ୧୪ଦିନର ଲଗାତାର କାମ ପାଇଁ ଦରଖାସ୍ତ କରାଯିବ, କିନ୍ତୁ ସପ୍ତାହରେ ୬ଦିନରୁ ଅଧିକ କାମ କରିବାକୁ ପଡିବନି । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ ୭ ଓ ୧୫)*
- ✓ ଆବେଦକଙ୍କ ଗାଁରୁ ୫କି.ମି. ମଧ୍ୟରେ କାମ ମିଳିବ, ନଚେତ୍ ବ୍ଲକ ଅଞ୍ଚଳ ଭିତରେ କାମ ଯୋଗାଇ ଦିଆଯିବ । ଅଧିକ ଦୂରତା ପାଇଁ ନିଜର ଖର୍ଚ୍ଚ ଓ ଯାତାୟତ ବାବଦକୁ ମଜୁରି ହାରର ୧୦ ପ୍ରତିଶତ ଅଧିକ ପାଉଣା ଦିଆଯିବ । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ ୧୨ ଓ ୧୪)*

## ଏହି ଆଇନ୍ ଅଧୀନରେ ଆମେ ପଞ୍ଜିକରଣ କେମିତି କରିବା ?

- ✓ ପରିବାରର ସମସ୍ତ ସାବାଳକ ବ୍ୟକ୍ତି ଫର୍ମ ବି-୧ରେ ସେମାନଙ୍କ ନାମ, ବୟସ, ଲିଙ୍ଗ ଜାତିଗତସ୍ଥିତି ତଥା ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟାବଳୀ ଦେଇ ଗ୍ରାମପଞ୍ଚାୟତକୁ ପଞ୍ଜିକରଣ ପାଇଁ ଆବେଦନ କରି ପାରିବେ । *[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୧)]*
- ✓ ପଞ୍ଜିକରଣ ବର୍ଷସାରା ଯେ କୌଣସି ସମୟରେ ହୋଇପାରିବ । *(ଦ୍ରଷ୍ଟବ୍ୟ:କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୪.୨.୬)*
- ✓ ଥରେ ପଞ୍ଜିକରଣ କଲେ ଏହା ଅନ୍ୟୁନ ୫ବର୍ଷ ବଳବତ୍ତର ରହିବ । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ ୩) ।*
- ✓ ଆବେଦନରେ ସୂଚୀତ ତଥ୍ୟାବଳୀକୁ ଗ୍ରାମପଞ୍ଚାୟତ ୧୫ଦିନ ଭିତରେ ଯାଞ୍ଚ କରିବେ । *[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୧)]*
- ✓ ଜଣେ ବ୍ୟକ୍ତି ପଞ୍ଜିକରଣ ପାଇଁ ମୌଖିକ ଭାବେ ଅନୁରୋଧ ଜଣାଇ ପାରିବେ, ଏବଂ ସଂପୃକ୍ତ ପଞ୍ଚାୟତ କର୍ମକର୍ତ୍ତା ଏହି ଅନୁରୋଧକୁ ରକ୍ଷାକରି ତାଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ ବି-୧କୁ ପୂରଣ କରିଦେବେ । *[ଦ୍ରଷ୍ଟବ୍ୟ:ଓଡିଶା ଯୋଜନାର ଧାରା ୭(୨)]*

- ✓ ଯଦି ଜଣେ ବ୍ୟକ୍ତି ପଞ୍ଜିକରଣ ପାଇଁ ଆବେଦନରେ ଭୁଲ୍ ତଥ୍ୟ ଦେଇଥାଆନ୍ତି, ତେବେ ଗ୍ରାମପଞ୍ଚାୟତ ଏହି ବ୍ୟାପରକୁ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଅବଗତ କରାଇବେ ଏବଂ କାର୍ଯ୍ୟକ୍ରମ ଅଧିକାରୀ ଏକ ନିରପେକ୍ଷ ଅନୁସନ୍ଧାନ କରି ଆବେଦକଙ୍କର ପଞ୍ଜିକରଣ ଓ କାର୍ଯ୍ୟପତ୍ରକୁ ରଦ୍ଦ କରିବା ପାଇଁ ଗ୍ରାମ ପଞ୍ଚାୟତଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୧୨)]***
- ✓ ପଞ୍ଜିକରଣ ପାଇଁ ଅବେଦନ ସଂଗ୍ରହ ଓ ଯାଞ୍ଚ ପ୍ରକ୍ରିୟାର ପରିଚାଳନା ପାଇଁ ଗ୍ରାମସଭା/ପଲ୍ଲୀସଭା ଡକାଯିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୪)]***
- ✓ ପଞ୍ଜିକରଣ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ସରପଞ୍ଚଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ଘରଘର ବୁଲି ସର୍ବେକ୍ଷଣ କରିପାରନ୍ତି । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୫)]***

**ପଞ୍ଜିକରଣ ପାଇଁ ଆବେଦନ ପତ୍ର ଯାଞ୍ଚ ହେବାପରେ କ'ଣ କରାଯିବ ?**

- ✓ ପ୍ରତି ପଞ୍ଜିକୃତ ପରିବାରକୁ ଏକ ସ୍ୱତନ୍ତ୍ର ପଞ୍ଜିକରଣ ସଂଖ୍ୟା ଦ୍ୱାରା ସୂଚିତ କରାଯିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୯)]***
- ✓ ଗୋଟିଏ ପଞ୍ଜିକରଣ ଅନୂନ୍ୟ ୫ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ସମୟାନ୍ତରରେ ନବୀକରଣ ହେବ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ-୩)***
- ✓ ପଞ୍ଜିକୃତ ଶ୍ରମିକମାନଙ୍କୁ ନେଇ ଏକ ପଲ୍ଲୀସଭା  ଆୟୋଜିତ ହେବ, ଯେଉଁଠାରେ ସେମାନଙ୍କୁ କାର୍ଯ୍ୟପାଇଁ ଆବେଦନ କରିବା ସକାଶେ ପ୍ରବର୍ତ୍ତନା ତଥା କ୍ରିୟାଧୀନ ଓ ପ୍ରସ୍ତାବିତ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ଦିଆଯିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୭(୧୧)]***

**କାର୍ଯ୍ୟପତ୍ର ସଂବନ୍ଧୀୟ ଜରୁରୀ ସୂଚନାଗୁଡ଼ିକ କ'ଣ ?**

- ✓ ଅବେଦନ ପ୍ରାପ୍ତିର ୧୫ଦିନ ମଧ୍ୟରେ ଗ୍ରାମପଞ୍ଚାୟତ ଆବେଦନକାରୀଙ୍କୁ କାର୍ଯ୍ୟପତ୍ର ସ୍ଥାନୀୟ ଜନଗୋଷ୍ଠୀଙ୍କ ଉପସ୍ଥିତିରେ ପ୍ରଦାନ କରିବେ ଏବଂ ଏହା ଯାଞ୍ଚ ପ୍ରକ୍ରିୟା ସରିବାର ୧୫ଦିନ ଠାରୁ ଅଧିକ ବିଳମ୍ବ ହେବ ନାହିଁ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୧)]***
- ✓ କାର୍ଯ୍ୟପତ୍ର ହେଉଛି ଏକ ମୌଳିକ ଆଇନ୍-ସ୍ୱୀକୃତ ନଥି, ଯାହାକି ସ୍ୱଚ୍ଛତା ରକ୍ଷା କରିବା ସହିତ ଶ୍ରମିକମାନଙ୍କୁ ଠକାମିରୁ ସୁରକ୍ଷା ଦେଇଥାଏ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୪.୩.୧)***

✓ କାର୍ଯ୍ୟପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ଯେଉଁଥିରେ ପରିବାରର ପଞ୍ଜିକରଣ ସଂଖ୍ୟା, ପରିବାରର ସଦସ୍ୟମାନଙ୍କୁ ଯୋଗାଇ ଦିଆଯାଇଥିବା କର୍ମନିଯୁକ୍ତି ତଥା ସେମାନଙ୍କର ପରିଚୟ ସମେତ ଅନେକ ତଥ୍ୟାବଳୀ ସ୍ଥାନିତ ହୋଇଥାଏ । *(ଦ୍ରକବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୪.୩.୭)*

✓ ଏଥିରେ ପରିବାରର ସମସ୍ତ ବୟସ୍କ ବ୍ୟକ୍ତିଙ୍କର ଫଟୋଚିତ୍ର ଥାଏ ତଥା ଏହି ଫଟୋଚିତ୍ର ଏବଂ କାର୍ଯ୍ୟପତ୍ରର ଅନ୍ୟ ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତି । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୨)]***

✓ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ କିମ୍ବା ସ୍ଥାନାନ୍ତର ଇତ୍ୟାଦି ଘଟିଲେ ସଂଗେ ସଂଗେ ଗ୍ରାମପଞ୍ଚାୟତକୁ ଜଣାଇବାକୁ ପଡିବ, ଯେ କି କାର୍ଯ୍ୟପତ୍ରରେ ଆବଶ୍ୟକୀୟ ସଂଶୋଧନ କରି ସଂପୃକ୍ତ ପରିବାରଙ୍କୁ ଜଣାଇଦେବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୫ଏ)]***

✓ ଆଇନ୍‌ରେ ମିଳୁଥିବା ସୁବିଧାସୁଯୋଗ ଗୁଡିକ କାର୍ଯ୍ୟପତ୍ରର ପଛପଟ ସୂଚିତ ହୋଇଥିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୮)]***

✓ ପ୍ରତ୍ୟେକ କାର୍ଯ୍ୟପତ୍ରର ଏକ ନକଲ ପଞ୍ଚାୟତରେ ରହିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୪)]***

✓ କାର୍ଯ୍ୟପତ୍ର ହଜିଗଲେ ବା ନଷ୍ଟ ହୋଇଗଲେ ଗ୍ରାମ ପଞ୍ଚାୟତକୁ ସାନି କାର୍ଯ୍ୟପତ୍ର ପାଇଁ ଆବେଦନ କରିବାକୁ ହେବ ଏବଂ ଗ୍ରାମ ପଞ୍ଚାୟତ ଏକ ସାନି କାର୍ଯ୍ୟପତ୍ରର ନିର୍ଗମନ କରିପାରିବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୧୦)]***

✓ ଯଦି କାର୍ଯପତ୍ର ଉଚିତ୍ ସମୟରେ ନ ମିଳେ, ତେବେ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଅଭିଯୋଗ କରିହେବ, ଏବଂ ଯଦି ଏହାକୁ ନେଇ କାର୍ଯ୍ୟକ୍ରମ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଥାଏ, ତେବେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ଏ ବିଷୟରେ ଜଣାଇ ହେବ, ଯେ କି ଏଭଳି ଏକ ଅଭିଯୋଗର ଫଇସଲା ୧୫ଦିନ ମଧ୍ୟରେ ଶୁଣାଇବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନା ର ଧାାରା ୮(୧୧)]***

✓ ଯଦି ଗୋଟିଏ ପଞ୍ଜିକୃତା ପରିବାରର ଜଣେ ସାବାଳକ ସଦସ୍ୟ ଚାହାଁନ୍ତି, ତେବେ ତାଙ୍କୁ ଏକ ବ୍ୟକ୍ତିଗତ ଚିର୍‌କୁଟି ପ୍ରଦାନ କରାଯାଇପାରେ, ଯେଉଁଥିରେ ପଞ୍ଜିକରଣ ସଂଖ୍ୟା ସମେତ କାର୍ଯ୍ୟପତ୍ରର ୨ୟ ପୃଷ୍ଠାରେ ଥିବା ପରିଚୟ ସଂକ୍ରାନ୍ତୀୟ ତଥ୍ୟାବଳୀ ସ୍ଥାନିତ ହୋଇଥିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୯)]***

## କାମ ପାଇଁ ଆବେଦନ କେମିତି କରିବାକୁ ହେବ ?

- ✓ କାମ ପାଇବା ପାଇଁ ଜଣେ କାର୍ଯ୍ୟପତ୍ରଧାରୀ ବ୍ୟକ୍ତି ସାଧାରଣତଃ ଗ୍ରାମ ପଞ୍ଚାୟତ ନିକଟରେ ଆବେଦନ କରିପାରିବେ ଓ ସେ ମଧ ସିଧାସଳଖ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଏଥି ପାଇଁ ଆବେଦନ କରିପାରିବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୯(୧)]***

- ✓ ଏଥିପାଇଁ ସ୍ୱତନ୍ତ୍ର ଦରଖାସ୍ତ ଫର୍ମ ରହିଛି । ଏହି ଫର୍ମରେ ନିଜର କାର୍ଯ୍ୟପତ୍ରର କ୍ରମିକ ସଂଖ୍ୟା, କେଉଁଦିନଠାରୁ କାମ ଦରକାର ଓ କେତେଦିନର କାମ ଦରକାର ଆଦି ଲେଖିବାକୁ ହେବ । ସାଧାକାଗଜରେ ମଧ୍ୟ ଏହିସବୁ ତଥ୍ୟ ଉଲ୍ଲେଖ କରି ଆବେଦନ କରିହେବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୯(୪) ଓ ଫର୍ମ ସି-୧ ତଥା କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଛେଦ ୪.୪]***

- ✓ ଏକ ସାଙ୍ଗରେ ଏକାଧିକ ଲୋକ ଫର୍ମ ସି-୧ରେ କାମ ପାଇବା ପାଇଁ ଆବେଦନ କରିପାରିବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୯(୩)]***

- ✓ ଯେଉଁଦିନ ଆବେଦନ ଦାଖଲ ହେବ, ସେହି ଦିନର ତାରିଖ ଥାଇ ଗୋଟିଏ ରସିଦଲ ଆବେଦନକାରୀଙ୍କୁ ଦିଆଯିବ । ***[(ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୯(୪)]***

- ✓ ଗୋଟିଏ ପଞ୍ଜିକୃତ ପରିବାରର ଏକ ବା ଏକାଧିକ ସଦସ୍ୟ ବର୍ଷକ ମଧରେ କେତେ ଦିନର କାର୍ଯ୍ୟ ପାଇଁ ଦରଖାସ୍ତ କରିପାରିବେ ଏବଂ ସେମାନଙ୍କୁ ପ୍ରକୃତ ପକ୍ଷେ କେତେଦିନର କର୍ମନିଯୁକ୍ତି ଦିଆଯିବ, ତହିଁର ସୀମା ନାହିଁ, ଯଦିଓ ସେମାନେ ଅନ୍ୟୁନ ୧୦୦ଦିନର କର୍ମନିଯୁକ୍ତି ଠାରୁ ଅଧିକ ପ୍ରାପ୍ୟ ଆଇନ୍‌ତଃ ଦାବୀ କରିପାରିବେ ନାହିଁ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ-୮)***

## ଆବେଦନର କେତେ ଦିନ ମଧ୍ୟରେ କାମ ମିଳିବ ? କାମ ନମିଳିଲେ ବେକାରୀ ଭତ୍ତା କେମିତି ମିଳିବ ?

- ✓ କାମପାଇଁ ଆବେଦନ ତାରିଖର ୧୫ଦିନ ମଧରେ, ନଚେତ୍ ଅଗ୍ରୀମ ଦରଖାସ୍ତରେ ଯେଉଁ ତାରିଖଠାରୁ ଆବେଦକ କାମ ଚାହିଁଛନ୍ତି, ଏ ଦୁଇଟା ଭିତରୁ ଯେଉଁଟା ପରବର୍ତ୍ତୀ ତାରିଖ ହୋଇଥିବ, ସେହି ତାରିଖ ସୁଦ୍ଧା ତାଙ୍କୁ କାମ ମିଳିବା ବିଧେୟ । ***[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୭(୧)]***

- ✓ ନିର୍ଦ୍ଧାରିତ ତାରିଖ ଭିତରେ କାମ ନ ମିଳିଲେ ବେକାରୀ ଭତ୍ତା ଆବେଦନକାରୀଙ୍କୁ ପ୍ରଦାନ କରାଯିବ । ***[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୭(୧)]***

- ✓ କାମ ଯୋଗାଇ ଦେବା ସତ୍ତ୍ୱେ ଯଦି ଆବେଦକ ଅନୁପସ୍ଥିତ ରହନ୍ତି, ତେବେ ସେ ବେକାରୀ ଭତ୍ତା ପାଇବେ ନାହିଁ । *[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୭(୩ବି)]*

- ✓ ବେକାରୀ ଭତ୍ତାର ପରିମାଣ ପ୍ରଥମ ୩୦ଦିନ ପାଇଁ ମଜୁରୀ ହାରର ଏକ ଚତୁର୍ଥାଂଶ ଏବଂ ବର୍ଷର ପରବର୍ତ୍ତୀ ସମୟ ପାଇଁ ମଜୁରୀ ହାରର ଅଧା ହିସାବରେ ମିଳିବ । *[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୭(୨)ର ପରନ୍ତୁକ]*

- ✓ ବେକାରୀ ଭତ୍ତା ଗ୍ରାମପଞ୍ଚାୟତ ସ୍ତରରେ ସାପ୍ତାହିକ ଭିତ୍ତିରେ, ବିଶେଷ କରି କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିବସରେ ବିତରଣ କରାଯିବ ଏବଂ ପ୍ରଯୁଜ୍ୟ ତାରିଖ ଠାରୁ ବେକାରୀ ଭତ୍ତା ପାଇଁ ପନ୍ଦରଦିନରୁ ଅଧିକ ବିଳମ୍ବ ହେବ ନାହିଁ ଏବଂ ଯଦି ବିଳମ୍ବ ଘଟେ, ତେବେ ସଂପୃକ୍ତ ଶ୍ରମିକଙ୍କୁ ମଜୁରି ପଇଠ ଆଇନ୍-୧୯୩୬ର ବ୍ୟବସ୍ଥା ମତେ କ୍ଷତିପୂରଣ ମିଳିବ । *[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୨୨(୪)]*

- ✓ ବେକାରୀ ଭତ୍ତା ପଇଠ ପାଇଁ କାର୍ଯ୍ୟକ୍ରମ ଅଧିକାରୀ ଉତ୍ତରଦାୟୀ ରହିବେ। । *[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୨୨(୪)]*

**ଏହି ଆଇନ୍ ଅଧୀନରେ କାମ କରୁଥିବା ଶ୍ରମିକମାନଙ୍କୁ କେଉଁ ହାରରେ ଓ କେତେ ମଜୁରୀ ଦିଆଯିବ ?**

- ✓ ଅଣକୁଶଳୀ କାର୍ଯ୍ୟ ପାଇଁ ଦୈନିକ ମଜୁରି ହାର ଓଡିଶା ପାଇଁ ୭୦ଟଙ୍କା ଅଟେ । *(ଦ୍ରଷ୍ଟବ୍ୟ: ଓଡିଶା ଗେଜେଟ୍ ୨୮ ଏପ୍ରିଲ୍ ୨୦୦୭)*

- ✓ ମହିଳା ଓ ପୁରୁଷଙ୍କୁ ସମାନ ହାରରେ ମଜୁରି ଦିଆଯିବ । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ ୩୪)*

- ✓ ପ୍ରାପ୍ୟ ମଜୁରିର ଏକାଂଶକୁ ଦୈନିକ ଭିତ୍ତିରେ ପଇଠ କରିବା ପାଇଁ ରାଜ୍ୟ ସରକାର ନିୟମ ବିହିତ କରିପାରନ୍ତି । ସମସ୍ତ ପ୍ରାପ୍ୟ ମଜୁରିକୁ ସପ୍ତାହର ଗୋଟିଏ ଦିନ(ହାଟ ଦିନ କିମ୍ବା ଅନ୍ୟ କୌଣସି ଦିନ, ଯାହାକି ଗ୍ରାମ ପଞ୍ଚାୟତ ଦ୍ୱାରା ଧାର୍ଯ୍ୟ ହୋଇଥିବ)ରେ ପଇଠ କରାଯିବ *[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୨୦(୩)]*

- ✓ ମଜୁରିର ପରିମାଣ ସମୟ-ହାର ବା ଠିକା-ହାର ଭିତ୍ତିରେ ଧାର୍ଯ୍ୟ କରାଯାଇପାରିବ । କିନ୍ତୁ ଠିକା-ହାର ଏମିତି ସ୍ଥିର ହୋଇଥିବ ଯେ, ଜଣେ ଶ୍ରମିକ ସାଧାରଣଭାବେ ୭ଘଣ୍ଟା କାମ କଲେ ସେ ନ୍ୟୂନତମ ଦୈନିକ ମଜୁରି ପାଇବାକୁ ସମର୍ଥ ହେଉଥିବେ । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୧ର ବିନ୍ଦୁ ୮)*

- ✓ ସଂପୃକ୍ତ ଅଧିକାରୀମାନେ ମଷ୍ଟର୍ ରୋଲ୍‌କୁ ମଜୁରି ପଇଠ ପାଇଁ ଚୟନ ହୋଇଥିବା ସର୍ବସାଧାରଣ ସ୍ଥାନରେ ଲଗାଇବେ ଏବଂ ବଡ଼ପାଟିରେ ପଢ଼ି ଶୁଣେଇ ଦେବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା-୨୦(୪)]***

- ✓ ଠିକାହାର-ଭିତ୍ତିକ କାମ କ୍ଷେତ୍ରରେ ସାଧାରଣ ମାଟି, କଠିନ ମାଟି ଓ ପଥୁରିଆ ମାଟିର ଏକ ଚୌକା କାମ ପାଇଁ ଯଥାକ୍ରମେ  ଯଥାକ୍ରମେ ଟ୧୦୦/-, ଟ୧୩୫/- ଏବଂ ଟ୨୧୦/- ଧାର୍ଯ୍ୟ କରାଯାଇଛି । ***(ଦ୍ରଷ୍ଟବ୍ୟ: ଓଡିଶା ଗେଜେଟ୍ ୨୮ ଏପ୍ରିଲ୍ ୨୦୦୭)***

- ✓ ମଜୁରି ପ୍ରଦାନରେ ବିଳମ୍ବ ଘଟିଲେ ଶ୍ରମିକମାନେ ମଜୁରି ପଇଠ ଆଇନ୍, ୧୯୩୬ ଅନୁଯାୟୀ ବିଳମ୍ବ ଜନିତ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ -୨ର ବିନ୍ଦୁ ୩୦)***

- ✓ ସମୁଦାୟ ମଜୁରିକୁ ସଂପୂର୍ଣ୍ଣ ଅର୍ଥ ଆକାରରେ ଦିଆଯାଇପାରେ, ନଚେତ୍ ଯେଉଁଠି ଉଭୟ ଅର୍ଥ ଓ ସାମଗ୍ରୀ ଆକାରରେ ଦିଆଯିବ, ସେପରି ସ୍ଥଳେ ଅନ୍ତତଃ ସମୁଦାୟ ମଜୁରିର ଏକ ଚତୁର୍ଥାଂଶଂକୁ ଅର୍ଥ ଆକାରରେ ପଇଠ କରାଯିବ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ -୨ର ବିନ୍ଦୁ ୩୧)***

**କାର୍ଯ୍ୟସ୍ଥଳୀରେ ଶ୍ରମିକମାନଙ୍କୁ କି କି ଆନୁଷଙ୍ଗିକ ସୁବିଧାସୁଯୋଗ ଦିଆଯିବ ?**

- ✓ ନିରାପଦ ପାନୀୟ ଜଳ ।
- ✓ ଶିଶୁମାନଙ୍କ ପାଇଁ ଆଶ୍ରୟସ୍ଥଳ ଓ ଶ୍ରମିକମାନଙ୍କ ପାଇଁ ବିଶ୍ରାମସ୍ଥଳ ।
- ✓ ପ୍ରାଥମିକ ଚିକିତ୍ସା ବାକ୍ସ (କାର୍ଯ୍ୟ-ଜନିତ କୌଣସି ସାଧାରଣ ଆଘାତ ବା ଅନ୍ୟପ୍ରକାର ସ୍ୱାସ୍ଥ୍ୟସମସ୍ୟାର ଜରୁରୀ-କାଳୀନ ଉପଚାର ପାଇଁ ଯଥେଷ୍ଟ ବ୍ୟବସ୍ଥା ସହିତ) ।
- ✓ ଯଦି ୬ବର୍ଷରୁ କମ୍ ବୟସର ଶିଶୁ ୫ଜଣରୁ ଅଧିକ ଥାଆନ୍ତି, ତେବେ ଜଣେ ମହିଳା ଶ୍ରମିକଙ୍କୁ ସେମାନଙ୍କର ଦେଖାଶୁଣାର ଦାୟିତ୍ୱ ଦିଆଯାଇପାରିବ ଏବଂ ତାଙ୍କୁ ସମାନ ପରିମାଣର ମଜୁରି ପ୍ରଦାନ କରାଯିବ ।

***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ -୨ର ବିନ୍ଦୁ ୨୭, ୨୮ ଓ ୨୯)***

**କାର୍ଯ୍ୟକ୍ଷେତ୍ରରେ କୌଣସି ଶ୍ରମିକ ମୃତ୍ୟୁବରଣ କଲେ ବା ଆଘାତପ୍ରାପ୍ତ ହେଲେ କିଭଳି କ୍ଷତିପୂରଣ ମିଳିବ ?**

- ✓ ଦୁର୍ଘଟଣାରେ ଆହତ ହେଲେ ମାଗଣା ଚିକିତ୍ସା ସୁବିଧା ।

✓ ଡାକ୍ତରଖାନାରେ ଭର୍ତ୍ତି ହେବା ଦରକାର ପଡିଲେ ଚିକିତ୍ସା କାଳରେ ରହଣି ସୁବିଧା ।

✓ ଯଦି ଜଣେ ଶ୍ରମିକଙ୍କର ମୃତ୍ୟୁ ହୁଏ ବା ସବୁ ଦିନ ପାଇଁ ସେ ବିକଳାଙ୍ଗ ହୋଇଯାନ୍ତି, ତେବେ ସେ ବାବଦରେ କାର୍ଯ୍ୟକାରକ ସଂସ୍ଥା ତରଫରୁ ଅନୁକମ୍ପାମୂଳକ ସହାୟତା ରାଶି ଟ.୨୫.୦୦୦/- (ପଚିଶ ହଜାର ଟଙ୍କା) ବା କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ହେବାକୁ ଥିବା ଅର୍ଥରାଶି ତାଙ୍କ ପରିବାରକୁ ପ୍ରଦାନ କରାଯିବ ।

✓ ଜଣେ ଶ୍ରମିକ ସହ କାର୍ଯ୍ୟସ୍ଥଳକୁ ଯାଇଥିବା ଗୋଟିଏ ଶିଶୁକୁ ଯଦି ଦୁର୍ଘଟଣାବଶତଃ କୌଣସି ଆଘାତ ଘଟିଥାଏ, ତେବେ ସଂପୃକ୍ତ ଶ୍ରମିକଙ୍କୁ ତାଙ୍କ ଶିଶୁ ପାଇଁ ସେହି ଧରଣର ମାଗଣା ଚିକିତ୍ସା ଯୋଗାଇ ଦିଆଯିବ, ଯାହାକି ରାଜ୍ୟ ଯୋଜନାରେ ବିନିର୍ଦ୍ଦିଷ୍ଟ ହୋଇଥିବ, ଏବଂ ଯଦି ଶିଶୁଟିର ମୃତ୍ୟୁ ବା ଅଙ୍ଗହାନି ଘଟେ, ତେବେ ସେ ବାବଦରେ ସେହି ପ୍ରକାର ଅନୁକମ୍ପାମୂଳକ ସାହାଯ୍ୟ ଯୋଗାଇ ଦିଆଯିବ, ଯାହାକି ରାଜ୍ୟ ସରକାର ନିର୍ଦ୍ଧାରଣ କରିବେ ।

***(ଦ୍ରଷ୍ଟବ୍ୟ:ଆଇନ୍‌ର ଅନୁସୂଚୀ-୨ର ବିନ୍ଦୁ ୨୪,୨୫, ୨୬ ଓ ୩୩ ତଥା ରାଜ୍ୟ ଯୋଜନାର ଧାରା ୧୮)***

**ଏହି ଆଇନ୍ ଅଧୀନସ୍ଥ ଯୋଜନାରେ କି ପ୍ରକାର କାମସବୁ କାର୍ଯ୍ୟକାରୀ କରାହେବ ?**

ଏଥିରେ ନିମ୍ନୋକ୍ତ ଅଗ୍ରାଧିକାର ଅନୁଯାୟୀ କାମଗୁଡିକ କାର୍ଯ୍ୟକାରୀ କରାଯିବ ।

✓ ଜଳ ସଂରକ୍ଷଣ ଓ ଜଳ ଅମଳ ପ୍ରକଳ୍ପ ।

✓ ମରୁଡ଼ି ନିରାକରଣ (ବନୀକରଣ ଓ ବୃକ୍ଷରୋପଣ ସହିତ) ।

✓ କେନାଲ ଜଳସେଚନ ସହିତ ସୂକ୍ଷ୍ମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ।

✓ ଭାରତ ସରକାରଙ୍କ ଇନ୍ଦିରା ଆବାସ ହିତାଧିକାରୀ, ଭୂ-ସଂସ୍କାରର ହିତାଧିକାରୀ, ଅନୁସୂଚିତ ଜାତି ଓ ଜନଜାତିର ପରିବାରଙ୍କ ଜମିକୁ ଜଳସେଚନର ବ୍ୟବସ୍ଥା କରିବା ।

✓ ପାରମ୍ପରିକ ଜଳାଶ୍ରୟଗୁଡ଼ିକର ପୁନରୁଦ୍ଧାର କରିବା ତଥା ପୁଷ୍କରିଣୀ ଗୁଡିକର ପୁନଃଖନନ କରିବା ।

✓ ବନ୍ୟା ନିୟନ୍ତ୍ରଣ ଏବଂ ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ସମେତ ବନ୍ଧବାଡ଼ କାର୍ଯ୍ୟ ।

✓ ସବୁଦିନିଆ ଗମନାଗମନର ସୁବିଧା ପାଇଁ ଗ୍ରାମାଞ୍ଚଳ ସଂଯୋଗୀକରଣ ସମେତ ଆବଶ୍ୟକ ସ୍ଥଳେ କଲଭେଟ୍ ଓ ନିଷ୍କାସନ ପ୍ରାଣାଳୀ ନିର୍ମାଣ ।

✓ ରାଜ୍ୟ ସରକାରଙ୍କ ସହ ପରାମାର୍ଶ କ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ଅନ୍ୟ ଯେକୌଣସି କାମ ।***(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ – ୧ ଓ ରାଜ୍ୟ ଯୋଜନାର ଧାରା ୧୪)***

## ଏନ.ଆଇ.ଇ.ଜି.ଏ କାର୍ଯ୍ୟଗୁଡ଼ିକ କେଉଁମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱିତ ହେବ ?

✓. ବ୍ଲକ୍ ସ୍ତରରେ ପ୍ରସ୍ତାବିତ କାର୍ଯ୍ୟାବଳୀର ବ୍ୟୟ ଅଟକଳର ଅନ୍ୟୁନ ଶତକଡ଼ା ୫୦ଭାଗ ଗ୍ରାମ ପଞ୍ଚାୟତ ଗୁଡ଼ିକ ମାଧମରେ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ବ୍ୟବସ୍ଥା କରିବେ । *[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୧୬(୫)]*

✓. ବାକୀ କାମଗୁଡ଼ିକ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ବିଭାଗ ବା ସଂସ୍ଥା, କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ, ବେସରକାରୀ ସଂଗଠନ, ସ୍ୱୟଂ-ସହାୟକ ଗୋଷ୍ଠୀ, ପଞ୍ଚାୟତ ସମିତି ବା ଜିଲ୍ଲାପରିଷଦ ଦ୍ୱାରା କାର୍ଯ୍ୟକାରୀ ହୋଇପାରିବ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୫.୨.୨)*

✓. ଯଦି ଗୋଟିଏ ଗ୍ରାମ ପଞ୍ଚାୟତ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା ଗୋଟିଏ କାର୍ଯ୍ୟକୁ ୧୫ ଦିନ ଭିତରେ ସଂପାଦନ କରିବାରେ ଅସମର୍ଥ ହୁଅନ୍ତି, ତେବେ କାର୍ଯ୍ୟକ୍ରମ ଅଧିକାରୀ ସେହି କାର୍ଯ୍ୟକୁ ଅନ୍ୟ କୌଣସି କାର୍ଯ୍ୟକାରକ ସଂସ୍ଥାକୁ ଆବଣ୍ଟନ କରିପାରିବେ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୫.୨.୪)*

✓. ଗ୍ରାମପଞ୍ଚାୟତ ଦ୍ୱାରା କାର୍ଯ୍ୟାନ୍ୱିତ ହେଉଥିବା ଏକ କାର୍ଯ୍ୟକୁ ପଞ୍ଚାୟତ କାର୍ଯ୍ୟ ଏବଂ ଅନ୍ୟ କାର୍ଯ୍ୟକାରକ ସଂସ୍ଥା ଦ୍ୱାରା କାର୍ଯ୍ୟାନ୍ୱିତ ହେଉଥିବା କାର୍ଯ୍ୟକୁ ସାଧାରଣ କାର୍ଯ୍ୟ ବୋଲି କୁହାଯିବ । *[ଦ୍ରଷ୍ଟବ୍ୟ: ଓଡ଼ିଶା ଯୋଜନାର ଧାରା ୧୬ (୧)]*

.✓ ସାଧାରଣ କାର୍ଯ୍ୟଗୁଡ଼ିକ ଗ୍ରାମପଞ୍ଚାୟତର ପରିସୀମା ଭିତରେ ବା ନିକଟରେ କାର୍ଯ୍ୟାନ୍ୱିତ ହେବ ଏବଂ ସେ ସବୁ କାର୍ଯ୍ୟରେ ଗ୍ରାମପଞ୍ଚାୟତ ନିକଟରେ କାର୍ଯ୍ୟ ପାଇଁ ଆବେଦନ କରିଥିବା ଶ୍ରମିକମାନେ ହିଁ ନିଯୁକ୍ତି ପାଇବେ । *[ଦ୍ରଷ୍ଟବ୍ୟ: ଓଡ଼ିଶା ଯୋଜନାର ଅନୁଚ୍ଛେଦ ୧୬ (୫)]*

.✓ ଗୋଟିଏ ଜିଲ୍ଲା ଯୋଜନାରେ ଯୋଗ୍ୟତାକୁ ଭିତ୍ତିକରି ପ୍ରତି ପ୍ରକଳ୍ପ ପାଇଁ ବିକଳ୍ପ କାର୍ଯ୍ୟକାରକ ସଂସ୍ଥାଗୁଡ଼ିକର ଏକ ତାଲିକା ସ୍ଥିରୀକୃତ ହୋଇଥିବ, ଯେଉଁଥିରୁ କାର୍ଯ୍ୟକ୍ରମ ଅଧିକାରୀ ଆବଶ୍ୟକ ସ୍ଥଳେ କୌଣସି ଏକ ସଂସ୍ଥାକୁ ଗୋଟିଏ କାର୍ଯ୍ୟର କାର୍ଯ୍ୟାନ୍ୱୟନ ପାଇଁ ଚୟନ କରିବେ । *(ଦ୍ରଷ୍ଟବ୍ୟ: ଓଡ଼ିଶା ଯୋଜନାର ଧାରା ୧୫)*

✓. ଏହି ଆଇନ୍ ଅଧୀନରେ ଠିକାଦାରଙ୍କୁ କୌଣସି ପ୍ରକାରରେ ନିଯୁକ୍ତ କରାଯିବ ନାହିଁ । *[ଦ୍ରଷ୍ଟବ୍ୟ: ଓଡ଼ିଶା ଯୋଜନାର ଧାରା ୧୫ (୪) ଏବଂ ଆଇନ୍ ଅଧୀନସ୍ଥ ଅନୁସୂଚୀ-୧ର ବିନ୍ଦୁ-୧୧]*

✓. ପଞ୍ଚାୟତ କାର୍ଯ୍ୟଗୁଡ଼ିକୁ ଆରମ୍ଭ କରିବାର କ୍ଷମତା ଗ୍ରାମ ପଞ୍ଚାୟତର ରହିଛି, କିନ୍ତୁ ସାଧାରଣ କାର୍ଯ୍ୟଗୁଡ଼ିକୁ ଆରମ୍ଭ କରିବାର କ୍ଷମତା କାର୍ଯ୍ୟକ୍ରମ ଅଧିକାରୀଙ୍କ ରହିଛି । *[ଦ୍ରଷ୍ଟବ୍ୟ: ଓଡ଼ିଶା ଯୋଜନାର ଧାରା ୧୬ (୪) ଓ (୫)]*

✓. ଯେଉଁ ସ୍ଥଳେ 'ସାଧାରଣ କାର୍ଯ୍ୟସମୂହ'ର ତାଲିକା ଖୁବ୍ କ୍ଷୁଦ୍ର ହୋଇଥିବାରୁ ଗୋଟିଏ ଗ୍ରାମ ପଞ୍ଚାୟତର କାର୍ଯ୍ୟ-ଆଶାୟୀ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇ ପାରୁନି, ସେପରି ସ୍ଥଳେ କାର୍ଯ୍ୟକ୍ରମ ଅଧିକାରୀ ତାଙ୍କ ବ୍ଲକ୍ ଇଲାକାରେ ଥିବା ଅନ୍ୟ ଗ୍ରାମପଞ୍ଚାୟତମାନଙ୍କୁ 'ପଞ୍ଚାୟତ କାର୍ଯ୍ୟସମୂହ'ର ତାଲିକା ଭିତରୁ କେତକ କାର୍ଯ୍ୟକୁ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୫.୩.୧୦)*

✓. କାର୍ଯ୍ୟାନ୍ୱୟନ ଯିଏ କରୁନା କାହିଁକି, କାର୍ଯ୍ୟାନ୍ୱୟନର ପ୍ରତି ସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିବ । *(ଦ୍ରଷ୍ଟବ୍ୟ: ଆଇନର ଅନୁସୂଚୀ ୧ର ବିନ୍ଦୁ-୧୩)*

**ଏହି ଆଇନ୍ ପରିପ୍ରେକ୍ଷିରେ କେଉଁମାନେ ବିଭିନ୍ନ ସ୍ତରରେ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବେ ?**

✓ ରାଜ୍ୟସ୍ତରରେ ପଞ୍ଚାୟତିରାଜ ବିଭାଗର କମିଶନର୍-ସଚିବ ହେବେ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ତଥା ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି କମିଶନର୍ ତଥା ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ସଦସ୍ୟ-ସଚିବ ।  ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ହେବେ ଅତିରିକ୍ତ କାର୍ଯ୍ୟକ୍ରମ ସଂଯୋଜକ। *(ଦ୍ରଷ୍ଟବ୍ୟ: ଓଡିଶା ଗେଜେଟ୍‌ରେ ବିଜ୍ଞପ୍ତି ତା୪ ମାର୍ଚ୍ଚ ୨୦୦୬)*

✓ ଜିଲ୍ଲାସ୍ତରରେ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନର୍ବାହୀ ଅଧିକାରୀ ହେବେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଡ଼ି.ଆର.ଡ଼ି.ଏ. ହେବେ ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ। *(ଦ୍ରଷ୍ଟବ୍ୟ: ଓଡିଶା ଗେଜେଟ୍‌ରେ ବିଜ୍ଞପ୍ତି ତା୪ ମାର୍ଚ୍ଚ ୨୦୦୬)*

✓ ବ୍ଲକସ୍ତରରେ ବିଡ଼ିଓ ହେବେ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ଓ ତାଙ୍କୁ ସହାୟତା କରିବେ ଅତିରିକ୍ତ ବିଡ଼ିଓ, ଯାହାଙ୍କୁ କୁହାଯିବ ଅତିରିକ୍ତ ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ । *(ଦ୍ରଷ୍ଟବ୍ୟ: ଓଡିଶା ଗେଜେଟ୍‌ରେ ବିଜ୍ଞପ୍ତି ତା୪ ମାର୍ଚ୍ଚ ୨୦୦୬)*

✓ ଗ୍ରାମପଞ୍ଚାୟତ ସ୍ତରରେ ଗ୍ରାମସଭା /ପଲ୍ଲୀସଭା ହିଁ ଏହି ଆଇନ୍‌ର କାର୍ଯ୍ୟାନ୍ୱୟନର ପ୍ରମୁଖ କର୍ତ୍ତୃପକ୍ଷ ଭାବେ କାର୍ଯ୍ୟ କରିବେ ଏବଂ ଗ୍ରାମ ପଞ୍ଚାୟାତକୁ ସହାୟତା କରିବା ପାଇଁ ଗ୍ରାମ ରୋଜଗାର ସେବକ ଏବଂ ବୈଷୟିକ ସହାୟକମାନଙ୍କୁ ନିଯୁକ୍ତି ଦିଆଯାଇପାରେ। *(ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୪)*

✓ ସମଗ୍ର ଦେଶରେ ଆଇନ୍‌ର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ନୋଡାଲ୍ ଏଜେନ୍ସି ରୁପେ କାର୍ଯ୍ୟ କରିବେ ଭାରତ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୨.୨.୫)*

✓ ସର୍ବୋପରି ଜାତୀୟ ସ୍ତରରେ ଏହି ଆଇନ୍‌ର କାର୍ଯ୍ୟକାରିତାକୁ ତଦାରଖ ଏବଂ ମୂଲ୍ୟାଙ୍କନ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛନ୍ତି କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୧୧)***

## ଅଭିଯୋଗର ଦାଏର୍ ଓ ଫଇସଲା କିପରି ହେବ ?

✓ ଗ୍ରାମ ପଞ୍ଚାୟତ ସମ୍ବନ୍ଧରେ ଅଭିଯୋଗ କାର୍ଯ୍ୟକ୍ରମ ଅଧିକାରୀଙ୍କ ଠାରେ ଦାଏର୍ କରିହେବ । ସେହିପରି କାର୍ଯ୍ୟକ୍ରମ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟରେ ଦାଏର୍ କରିହେବ । ***[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୨୩(୫) ଓ ୧୪(୩ଜି)]***

✓ ଉଭୟ ବ୍ଲକ୍ ଓ ଜିଲ୍ଲା ସ୍ତରରେ ଅଭିଯୋଗ ଗ୍ରହଣ ଓ ଫଇସଲା ସଂମ୍ବନ୍ଧରେ ଏକ ରେଜିଷ୍ଟର୍ ଫର୍ମ ବି-୧୧ ଅନୁଯାୟୀ ଅନୁରକ୍ଷିତ ହେବ । ***[ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଛେଦ ୯.୨.୫ ଏବଂ ଓଡିଶା ଯୋଜନାର ଧାରା ୨୯(୩)]***

✓ ଅଭିଯୋଗକାରୀଙ୍କୁ ଅଭିଯୋଗର ଏକ ରସିଦ୍ ମିଳିବ, ଯେଉଁଥିରେ କି ଅଭିଯୋଗର ତାରିଖ ଓ ନମ୍ବର ଥିବ ଏବଂ ଯାହାକୁ ବ୍ୟବହାର କରି ଅଭିଯୋଗର ଫଳାଫଳ ସମ୍ବନ୍ଧରେ ଇଣ୍ଟରନେଟ୍‌ରୁ ତଥା କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାଣିହେବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଛେଦ ୧୦.୮.୫)***

✓ ଯଦି ଜଣେବ୍ୟକ୍ତି କାର୍ଯ୍ୟପତ୍ର ନପାଇବା କାରଣରୁ ଅଭିଯୋଗ କରିବାକୁ ଚାହାଁନ୍ତି, ତେବେ ସେ ପ୍ରଥମେ କାର୍ଯ୍ୟକ୍ରମ ଅଧିକାରୀଙ୍କ ପାଖରେ ଅଭିଯୋଗ ଦାଏର୍ କରିପାରିବେ, ଏବଂ ଯଦି କାର୍ଯ୍ୟକ୍ରମ ଅଧିକରୀଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଚାହାଁନ୍ତି, ତେବେ ସେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟରେ ଏହାକୁ ଦାଏର କରିପାରିବେ । ଏତାଦୃଶ ଅଭିଯୋଗ ଗୁଡିକର ଫଇସଲା ୧୫ଦିନ ମଧ୍ୟରେ କରାଯିବ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୮(୧୧)]***

✓ ଗ୍ରାମସଭା ଓ ସାମାଜିକ ସମୀକ୍ଷା ସମୟରେ ଯେଉଁସବୁ ଜନଶୁଣାଣି କରାଯିବ, ତଦ୍ୱାରା ଅଭିଯୋଗଗୁଡିକର ଯଥାଶୀଘ୍ର ପ୍ରତିକାର ସମ୍ଭବ ହୋଇପାରିବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଛେଦ ୧୦.୮.୧୧)***

✓ କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା ସଂଯୋଜକ ଅଭିଯୋଗଗୁଡିକ ଉପରେ ନେଇଥିବା ପଦକ୍ଷେପ ବିଷୟରେ ଯଥାକ୍ରମେ ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ସମ୍ମୁଖରେ ଉପସ୍ଥାପନା କରିବେ ।

✓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ତାଙ୍କ କାର୍ଯ୍ୟାଳୟର ଏକ ସୁଦୃଶ୍ୟ ସ୍ଥାନରେ ଏକ ଅଭିଯୋଗ ବାକ୍ସ ସ୍ଥାପନ କରିବେ ଓ ପ୍ରତି ସପ୍ତାହରେ ଥରେ ଏହାକୁ ଖୋଲିବେ ଏବଂ ପ୍ରାପ୍ତ ଅଭିଯୋଗଗୁଡ଼ିକର ଫଇସଲା ୧୫ଦିନ ମଧ୍ୟରେ କରିବେ । ***[ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୨୯(୩)]***

- ✓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିଷ୍ପତ୍ତି ବିରୁଦ୍ଧରେ ରାଜ୍ୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି କମିଶନର୍ (ପଞ୍ଚାୟତିରାଜ ବିଭାଗର ସଚିବ-କମୀଶନର୍ ତଥା ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ସଚିବଙ୍କ ନିକଟରେ ଅପିଲ୍ ଦାଏର କରାଯାଇପାରିବ । ***[ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୨.୨.୪(ସି)]***

- ✓ କାର୍ଯ୍ୟକ୍ରମ ଅଧିକାରୀ ପ୍ରତି ଅଭିଯୋଗକୁ ଏହା ମିଳିବାର ସାତଦିନ ଭିତରେ ଫଇସଲା କରିବେ । ***(ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୨୩.୬)***

- ✓ ତଦରାଖ ଓ ଅଭିଯୋଗ ଫଇସଲା ବ୍ୟବସ୍ଥାକୁ ସମୟାନ୍ତରରେ ସମୀକ୍ଷା କରିବା ଏବଂ ସେଥିରେ ଉନ୍ନତି ଆଣିବାକୁ ସୁପାରିଶ୍ କରିବା ହେଉଛି କେନ୍ଦ୍ରୀୟ ପରିଷଦଙ୍କ କର୍ତ୍ତବ୍ୟ । ***[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୧୧(ସି)]***

**ଏହି ଆଇନ୍ ଅଧୀନରେ ସ୍ୱଚ୍ଛତା ଓ ସୂଚନା ଅଧିକାରକୁ କେମିତି ସୁନିଶ୍ଚିତ କରିହେବ ?**

- ✓ ଏହି ଆଇନ୍ ସଂପର୍କୀତ ସମସ୍ତ ସୂଚନା ସର୍ବସାଧାରଣ ଦଲିଲ୍ ଅଟେ, ଏବଂ କୌଣସି ପରିସ୍ଥିତିରେ ଏଭଳି କୌଣସି ସୂଚନାରୁ କାହାକୁ ବଞ୍ଚିତ କରାଯାଇ ପାରିବ ନାହିଁ । ***[ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୧.୨]***

- ✓ ଏହି ଆଇନ୍‌ର କାର୍ଯ୍ୟାନ୍ୱୟନର ପ୍ରତି ସ୍ତରରେ ପ୍ରତି ସୂଚନାକୁ ସୂଚନା ଅଧିକାର ଆଇନ୍-୨୦୦୫ର ଧାରା ୪ରେ ସ୍ଥାନିତ ହୋଇଥିବା ସ୍ୱୟଂ-ପ୍ରକଟନୀୟ ସୂଚନା ପଦବାଚ୍ୟ ଏକ ସୂଚନା ବୋଲି ବିବେଚନା କରାଯିବ । ***[ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୧.୧]***

- ✓ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ବନ୍ଧୀତ ମୌଳିକ ଦଲିଲ୍‌ଗୁଡିକୁ ସଂପୃକ୍ତ କର୍ତ୍ତୃପକ୍ଷମାନେ ନିଜ ତରଫରୁ ଆଗୁଆ ପ୍ରକାଶନ କରିବେ; ସେଗୁଡ଼ିକୁ ପାଇବା ପାଇଁ କାହାରିକୁ ଦରଖାସ୍ତ କରିବାକୁ ପଡିବନି । ***[ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୧.୩]***

- ✓ ଯୋଜନା ସଂପର୍କୀତ ସମସ୍ତ ହିସାବ ଓ ରେକର୍ଡପତ୍ରକୁ ଲୋକେ ମାଗଣାରେ ନିରୀକ୍ଷଣ କରିପାରିବେ ***(ଦ୍ରଷ୍ଟବ୍ୟ ଆଇନ୍‌ର ଅନୁସୂଚୀ-୧ର ବିନ୍ଦୁ ୧୬),*** ଏବଂ ଯେଉଁମାନେ ତହିଁର ନକଲ ଚାହିଁବେ, ସେମାନଙ୍କୁ କେବଳ ଜେରକ୍ସ ମୂଲ୍ୟ ବିନମୟରେ ତାହା ଯୋଗାଇ ଦେବାକୁ ପଡିବ ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୧.୩),*** ଏବଂ ଯେମିତି ହେଲେ ୭ଦିନ ଭିତରେ ଆବେଦିତ ସୂଚନାର ନକଲ ଦେବାକୁ ପଡିବ ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୧.୨)***।

✓ ସୂଚନା ପାଇଁ କାହାକୁ ଯୋଗାଯୋଗ କରିବାକୁ ପଡିବ ଓ କେମିତି ଆବେଦନ କରିବାକୁ ପଡିବ, ସେ ସମ୍ବନ୍ଧରେ ସବିଶେଷ ତଥ୍ୟ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ସୁସ୍ପଷ୍ଟ ଭାବେ ଘୋଷଣା କରାଯାଇଥିବ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୧.୪)*

✓ ପ୍ରତି ଯୋଜନା ଏବଂ ଗୋଟିଏ ଯୋଜନା ଅନ୍ତର୍ଗତ ପ୍ରତି ପ୍ରକଳ୍ପର ମଷ୍ଟର୍ ରୋଲ୍‌ର ନକଲ ଗ୍ରାମ ପଞ୍ଚାୟତ ଏବଂ କାର୍ଯ୍ୟକ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ଉପଲବ୍ଧ ରହିବ । *(ଦ୍ରଷ୍ଟବ୍ୟ: ଆଇନ୍‌ର ଅନୁସୂଚୀ-୧ର ବିନ୍ଦୁ ୧୭)*

## ଜନସଜାଗତା ଓ ତଦାରଖ କମିଟି (ଭିଜିଲାନ୍ସ ଓ ମନିଟରିଂ କମିଟି) ଓ ଏହାର କାର୍ଯ୍ୟ କ'ଣ ?

✓ ଯୋଜନା ଅଧୀନରେ ମଞ୍ଜୁର୍ ହୋଇଥିବା ପ୍ରତି କାର୍ଯ୍ୟ ସକାଶେ ଗୋଟିଏ ଲେଖାଁ ଆଂଚଳିକ ସଜାଗତା ଓ ତଦାରଖ କମିଟି ରହିବ, ଯାହାକି ସେହି ସ୍ଥାନ ବା ଗାଁର ଲୋକଙ୍କୁ ନେଇ ଗଠିତ ହେବ, ଯେଉଁ ଗାଁରେ ସଂପୃକ୍ତ କାର୍ଯ୍ୟଟି ଚାଲୁଥିବ । ଏହି କମିଟି ଗୋଟିଏ କାର୍ଯ୍ୟ ଚାଲୁଥିବା ବେଳେ ତାହାର ଅଗ୍ରଗତି ଓ ଗୁଣାତ୍ମକ ମାନକୁ ତଦାରଖ କରିବ । କମିଟିର ସଦସ୍ୟମାନେ ଗ୍ରାମସଭା ଦ୍ୱାରା ନିର୍ବାଚିତ ହୋଇଥିବେ, ଏବଂ ଏହି କମିଟିରେ ଅନୁସୂଚୀତ ଜାତି/ଜନଜାତି ଏବଂ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯିବ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୭.୧)*

✓ କାର୍ଯ୍ୟକାରକ ସଂସ୍ଥା ଏହି କମିଟିକୁ କାର୍ଯ୍ୟର ଅଟକଳ, ସମୟ-ଅବଧି ଏବଂ ଗୁଣାତ୍ମକ ମାନଦଣ୍ଡ ସମ୍ବନ୍ଧରେ ଅବହିତ କରିଥିବ । ଗୋଟିଏ କାର୍ଯ୍ୟର ସମାପ୍ତି ପ୍ରମାଣପତ୍ରକୁ କମିଟିର ଚୂଡାନ୍ତ ରିପୋର୍ଟରେ ସଂଲଗ୍ନ କରାଯିବ, ଏବଂ ଯେଉଁ ପଞ୍ଚାୟତରେ କାର୍ଯ୍ୟଟି ସମ୍ପାଦିତ ହୋଇଛି, ତହିଁର ଗ୍ରାମସଭାର ପରବର୍ତ୍ତୀ ବୈଠକରେ ଏହା ଉପସ୍ଥାପିତ ହେବା ଉଚିତ୍ । ଏହି ରିପୋର୍ଟର ଏକ ନକଲ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟକୁ ମଧ୍ୟ ପଠାଯିବ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୭.୨)*

✓ ହିତାଧିକାରୀମାନଙ୍କ ପ୍ରାପ୍ୟଗୁଡିକ ହାସଲ ପାଇଁ ବଳିଷ୍ଠ ସ୍ୱର ଉତ୍ତୋଳନ ତଥା ସେମାନଙ୍କ ନିକଟରେ ସୂଚନାପ୍ରାପ୍ତିକୁ ସୁଗମ କରିବା ପାଇଁ ସ୍ଥାନୀୟ ହିତାଧିକାରୀ କମିଟି ମଧ୍ୟ ଗଠନ କରାଯାଇପାରେ । ସ୍ଥାନୀୟ ସ୍ତରରେ ସଜାଗତା ଓ ତଦାରଖ କମିଟି ଏବଂ ହିତାଧିକାରୀ କମିଟିସମୂହର ଗଠନକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ଉତ୍ତରଦାୟୀ ରହିବେ । *(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୭.୩)*

## ସାମାଜିକ ସମୀକ୍ଷା କ'ଣ ?

✓ ଏହି ଆଇନ୍ ଅଧୀନରେ ସାମାଜିକ ସମୀକ୍ଷା ହେଉଛି ଏଭଳି ଏକ ବାଧ୍ୟତାମୂଳକ ବ୍ୟବସ୍ଥା ଯାହାଦ୍ୱାରା ଆଇନ୍‌ର କାର୍ଯ୍ୟାନ୍ୱୟନକୁ ନିମ୍ନୋକ୍ତ ୧୧ଟି ବ୍ୟାପାରରେ ଗ୍ରାମବାସୀଙ୍କ ଦ୍ୱାରା କ୍ରମାଗତ ଭାବେ ଜଗାରଖା ଓ ଯାଞ୍ଚ କରିବା ସମ୍ଭବ ହୋଇଥାଏ, ଯଥା- ପରିବାରମାନଙ୍କ ପଞ୍ଜିକରଣ, କାର୍ଯ୍ୟପତ୍ରର ଆବଣ୍ଟନ, କାର୍ଯ୍ୟ ପାଇଁ ଦରଖାସ୍ତ ଗ୍ରହଣ, ପ୍ରକଳ୍ପ-ପୁଞ୍ଜ ଓ କାର୍ଯ୍ୟକ୍ରମ ନିରୂପଣ, ବୈଷୟିକ ଅଟକଳ ଓ କାର୍ଯ୍ୟ ଆଦେଶ, ଶ୍ରମିକମାନଙ୍କୁ କାର୍ଯ୍ୟ ଆବଣ୍ଟନ, କାର୍ଯ୍ୟଗୁଡିକର କାର୍ଯ୍ୟନ୍ୱୟନ ଓ ତଦାରଖ, ବେକାରୀ ଭତ୍ତା ପଇଠ, ମଜୁରି ପଇଠ, କାର୍ଯ୍ୟର ମୂଲ୍ୟାୟନ ତଥା ଗ୍ରାମସଭା ଦ୍ୱାରା ସାମାଜିକ  ସମୀକ୍ଷାକୁ ସୁନିଶ୍ଚିତ କରିବା । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୨.୧)***

✓ ଆମ ରାଜ୍ୟର ସାମାଜିକ ସମୀକ୍ଷା ପରିଚଳନା ପାଇଁ ଯଥାସ୍ଥିତି ଗ୍ରାମ ସଭା ବା ପଲ୍ଲୀସଭା କ୍ଷମତାପ୍ରାପ୍ତ ଅଟନ୍ତି । ***(ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୪-ଏ)***

✓ ସାମାଜିକ ସମୀକ୍ଷାର ପରିଚାଳନାକୁ ସୁନିଶ୍ଚିତ କରିବା ହେଉଛି କାର୍ଯ୍ୟକ୍ରମ ଅଧିକାରୀଙ୍କ ଦାୟିତ୍ୱ । ***(ଦ୍ରଷ୍ଟବ୍ୟ: ଓଡିଶା ଯୋଜନାର ଧାରା ୫ଏ-୫)***

✓ ଗ୍ରାମପଞ୍ଚାୟତ ସାମାଜିକ ସମୀକ୍ଷାର ପଚିଚାଳନା ପାଇଁ ଅବଶ୍ୟକ ହେଉଥିବା ସମସ୍ତ କାଗଜପତ୍ର, ଯଥା-ମଷ୍ଟର୍ ରୋଲ୍, ବିଲ୍, ଭାଉଚର୍, ମାପବହି, ମଞ୍ଜୁରି ଆଦେଶ, ଏବଂ ହିସାବ ବହି ଇତ୍ୟାଦିକୁ ଗ୍ରାମସଭା/ପଲ୍ଲୀସଭା ନିକଟରେ ଉପଲବ୍ଧ କରାଇବ । ***[ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୧୭(୩)]***

✓ ସାମାଜିକ ସମୀକ୍ଷା ଏକ ଲଗାତାର ପ୍ରକ୍ରିୟା ହୋଇଥିଲେ ହେଁ ଏହାର ସମସ୍ତ ଦିଗକୁ ଗ୍ରାମସଭା/ପଲ୍ଲୀସଭାରେ ସମବେତ ଗ୍ରାମବାସୀମାନଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ସମୀକ୍ଷଣ କରାଇବା ପାଇଁ ଅନ୍ତତଃ ୬ମାସକୁ ଥରେ ଏକ ସାମାଜିକ ସମୀକ୍ଷା ମଞ୍ଚ ଆୟୋଜିତ ହେବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୩.୧)***

✓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ କାର୍ଯ୍ୟାଳୟରେ ଏକ ଆଭ୍ୟନ୍ତରୀଣ ସମୀକ୍ଷା (ଅଡିଟ୍) ସେଲ୍ କାର୍ଯ୍ୟ କରିବ, ଯେ କି ସାମାଜିକ ସମୀକ୍ଷାର ବିବରଣୀଗୁଡିକୁ ଯାଞ୍ଚ କରିବେ, ଏବଂ ଆବଶ୍ୟକ ପଡିଲେ ଏକ ସ୍ୱତନ୍ତ୍ର ଅଡିଟ୍ ପରିଚାଳନା କରିବେ ତଥା ପ୍ରତିମାସରେ ଥରେ ଏସବୁର ବିବରଣୀକୁ ସଂକଳନ କରି ଜିଲ୍ଲା ଓ ରାଜ୍ୟର କାର୍ଯ୍ୟକ୍ରମ ସଂଯୋଜକ ତଥା ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ । ଏହିସବୁ କର୍ତ୍ତୃପକ୍ଷମାନେ ପରିଲକ୍ଷିତ ହୋଇଥିବା ଗୁରୁତର ଅନିୟମିତତାର ପ୍ରତିକାର କରିବା ସହ ଯଥୋଚିତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୦.୩.୬.)***

## ସାମାଜିକ ସମୀକ୍ଷା ମଞ୍ଚ କିପରି ଫଳପ୍ରଦ ହୋଇପାରିବ ?

- ✓ ସାମାଜିକ ସମୀକ୍ଷା ମଞ୍ଚର ଆୟୋଜନକୁ ଫଳପ୍ରଦ କରିବାକୁ ହେଲେ, ତିନୋଟି ଦିଗ ପ୍ରତି ଧ୍ୟାନଦେବାକୁ ହେବ, (୧) ଏହା ଅନୁଷ୍ଠିତ ହେବା ପୂର୍ବରୁ ଉପଯୁକ୍ତ ପ୍ରଚାର ଓ ପ୍ରସ୍ତୁତି, (୨) ସଠିକ୍ ପଦ୍ଧତିରେ ଏହାକୁ ଆୟୋଜନ ଓ ପରିଚାଳନା କରିବା, ତଥା (୩) ମଞ୍ଚ ପାଇଁ ଉଦିଷ୍ଟ ଅବଶ୍ୟ-ଅନୁସରଣୀୟ କାର୍ଯ୍ୟସୂଚୀକୁ ପରିପୂରଣ କରିବା ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୩.୧)***

- ✓. ଅନ୍ତତଃ ଗୋଟିଏ ମାସ ପୂର୍ବରୁ ଏହାର ତାରିଖ, ସମୟ, ସ୍ଥାନ ଓ ତାତ୍ପର୍ଯ୍ୟ ଇତ୍ୟାଦି ସମ୍ବନ୍ଧରେ ଉଭୟ ପାରମ୍ପରିକ ଓ ଆଧୁନିକ ପଦ୍ଧତିରେ ଲୋକମାନଙ୍କ ଭିତରେ ବ୍ୟାପକ ସୂଚନା ପ୍ରସାରଣ କରିବାକୁ ପଡ଼ିବ । ଏପରିକି ନୋଟିସ୍ ବୋର୍ଡ଼, ଖବରକାଗଜ ଓ ସ୍ୱତନ୍ତ୍ର ପ୍ରଚାରପତ୍ର ମାଧମରେ ଏସବୁ ସୂଚନାକୁ ବିଜ୍ଞାପିତ କରିବାକୁ ପଡ଼ିବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗ ଦର୍ଶିକାର ଅନୁଚ୍ଛେଦ ୧୧.୪)***

- ✓ ସାମାଜିକ ସମୀକ୍ଷା ମଞ୍ଚର ସଫଳତା ନିର୍ଭର କରେ ଏନ.ଆର.ଇ.ଜି.ଏ.ର ହିତାଧିକାରୀମାନଙ୍କର ଏଥିରେ ମୁକ୍ତ ଏବଂ ନିର୍ଭୀକ ଅଂଶଗ୍ରହଣ ଉପରେ । ଏହା ପୁଣି ନିର୍ଭର କରିବ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଲୋକମାନଙ୍କୁ ଏହା ବିଷୟରେ ସରଳ ଭାଷାରେ ବୁଝାଇବା ଓ ଉଦ୍‌ବୁଦ୍ଧ କରିବା ଉପରେ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୪.୧)***

- ✓. ଆଇନ୍ ଅଧିନରେ କାର୍ଯ୍ୟାନ୍ୱିତ ହେଉଥିବା କାର୍ଯକ୍ରମଗୁଡ଼ିକ ସମ୍ବନ୍ଧରେ ଲୋକମାନଙ୍କୁ ଯଥେଷ୍ଟ ପୂର୍ବରୁ ସରଳ ଭାଷାରେ ଓ ସାରାଂଶ ରୂପରେ ସୂଚନା ଦେବାକୁ ପଡ଼ିବ । ମଞ୍ଚ ଅନୁଷ୍ଠିତ ହେବା ଆଗରୁ ଲଗାତର ୧୫ ଦିନ ଧରି ପ୍ରତି ପ୍ରକଳ୍ପ ଓ କାର୍ଯ୍ୟ ସମ୍ବନ୍ଧିତ ଫାଇଲ୍‌ଗୁଡ଼ିକୁ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକମାନଙ୍କ ନିରୀକ୍ଷଣ ପାଇଁ ସଜାଡି ରଖାଯିବ । ନିରୀକ୍ଷଣ ପାଇଁ କୌଣସି ଫିସ୍ ପଡ଼ିବ ନାହିଁ ତଥା ଯେ କେହି ବ୍ୟକ୍ତି କୌଣସି ନଥିର ନକଲ ନେବାକୁ ଚାହିଁଲେ ତାହା ତାଙ୍କୁ କେବଳ ମୁଦ୍ରଣ ମୂଲ୍ୟ ବିନିମୟରେ ଯୋଗାଇ ଦିଆଯିବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୪.୮)***

- ✓. ଯେଉଁ ଯେଉଁ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯିବ, ତହିଁର ତାଲିକା ନୋଟିସ୍ ବୋର୍ଡ଼ରେ ଅଗ୍ରୀମ ଭାବେ ପ୍ରଦର୍ଶିତ ହୋଇଥିବ । ମଷ୍ଟର୍ ରୋଲ ଏବଂ ବିଲ୍‌ଗୁଡ଼ିକର ସଂକ୍ଷିପ୍ତ ସାରାଂଶ ମଞ୍ଚ ଅନୁଷ୍ଠିତ ହେବାର ତାରିଖ ପୂର୍ବରୁ ୧୫ ଦିନ ଧରି ସୂଚନା ଫଳକରେ ତଥା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶିତ କରାଯିବ । ଏସବୁର ମୂଳ ଫାଇଲ୍ ଓ ନଥିଗୁଡ଼ିକ ମଞ୍ଚ ଅନୁଷ୍ଠିତ ହେବା ସମୟରେ ଉପଲବ୍ଧ ହେବ, ଯାହାଫଳରେ କି ଲୋକେ ମୂଳ ଫାଇଲ୍‌ରେ ଥିବା ସୂଚନାକୁ ପ୍ରଦର୍ଶିତ ସୂଚନା ସହ ମିଳେଇ ଯାଞ୍ଚ କରିପାରିବେ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୪.୯ରୁ ୧୧.୪.୧୧)***

## ସାମାଜିକ ସମୀକ୍ଷା ମଞ୍ଚର କାର୍ଯ୍ୟବିଧି କିପରି ପରିଚାଳିତ ହେବ ?

- ✓. ମଞ୍ଚର କାର୍ଯ୍ୟବିଧି ଏଭଳି ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳିତ ହେବ, ଯାହା ଫଳରେ ଗରୀବ ଓ ସୀମାନ୍ତୀକୃତ ଜନଗୋଷ୍ଠୀ ଏଥିରେ ସ୍ୱତପ୍ରବୃତ୍ତ ଓ ନିର୍ଭୀକ ଭାବେ ନିଜର କଥା କହିପାରିବେ । ଏହା ଯେପରି କୌଣସି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ମାର୍‌ପେଞ୍ଚ ଦ୍ୱାରା ପ୍ରଭାବିତ ନହୁଏ, ସେଥିପ୍ରତି ଯତ୍ନବାନ୍ ହେବାକୁ ପଡ଼ିବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୫.୧)***

- ✓. ମଞ୍ଚ ବସିବାର ଏଭଳି ଏକ ସମୟ ସ୍ଥିର କରିବାକୁ ପଡ଼ିବ, ଯାହାଫଳରେ ଶ୍ରମିକମାନେ, ବିଶେଷ କରି ମହିଳା ଓ ସୀମାନ୍ତୀକୃତ ଗୋଷ୍ଠୀର ଲୋକେ ଏଥିରେ ଭାଗନେବା ସହଜ ହେବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୫.୧)***

- ✓. ଗ୍ରାମସଭାର କୋରମ୍ (ନ୍ୟୁନତମ ଉପସ୍ଥାପନ) ମଞ୍ଚ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । କିନ୍ତୁ କୋରମ୍ ନଥିଲେ ବି ଉତ୍‌ଥାପିତ ପ୍ରଶ୍ନ ଓ ଅଭିଯୋଗୁଡ଼ିକୁ ଲିପିବଦ୍ଧ କରିବାକୁ ପଡ଼ିବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୫.୧)***

- ✓. ମଞ୍ଚର ବୈଠକରେ ସଭାପତିତ୍ୱ କରିବା ପାଇଁ ଏଭଳି ଜଣେ ବ୍ୟକ୍ତିଙ୍କୁ ବଛାଯିବ, ଯେ କି ପଞ୍ଚାୟତ କିମ୍ବା କୌଣସି କାର୍ଯ୍ୟକାରକ ସଂସ୍ଥାର କର୍ମକର୍ତ୍ତା ହୋଇନଥିବେ । ବିଶେଷକରି ସରପଞ୍ଚ ବା ଓ୍ୱାର୍ଡ ମେମ୍ବର ମଞ୍ଚରେ ଅଧକ୍ଷତା କରିପାରିବେ ନାହିଁ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୫.୧)***

- ✓. ମଞ୍ଚର କାର୍ଯ୍ୟବିଧିକୁ ଲିପିବଦ୍ଧ କରିବା ପାଇଁ  ଯେଉଁ ବ୍ୟକ୍ତିଙ୍କୁ ସଂପାଦକ ରୂପେ ବଛାଯିବ, ସେ ମଧ ସଂପୃକ୍ତ ପଞ୍ଚାୟତର ଅଧିବାସୀ ହୋଇନଥିବେ । ଆଲୋଚ୍ୟ ସୂଚନାବଳୀକୁ ଯେଉଁ ବ୍ୟକ୍ତି ଉପସ୍ଥାପନ କରିବେ, ସେ କୌଣସି ପ୍ରକାରେ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଜଡ଼ିତ ନଥିବେ । ଜନ-ସଜାଗତା (ଭିଜିଲାନ୍‌ସ୍) କମିଟିର କୌଣସି ସଦସ୍ୟ ବା ଜଣେ ସ୍କୁଲ୍ ଶିକ୍ଷକଙ୍କୁ ସୂଚନାବଳୀକୁ ବଡ଼ ପାଟିରେ ପଢିବାର ଦାୟିତ୍ୱ ଦିଆଯାଇପାରେ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୫.୧)***

- ✓. କାର୍ଯ୍ୟାନ୍ୱୟନ ପାଇଁ ଉତ୍ତରଦାୟୀ ଥିବା ସମସ୍ତ ସରକାରୀ କାର୍ଯ୍ୟକର୍ତ୍ତା ମଞ୍ଚର ଆଲୋଚନା ବେଳେ ଗ୍ରାମବାସୀଙ୍କ ପ୍ରଶ୍ନାବଳୀର ଉତ୍ତର ଦେବାପାଇଁ ଉପସ୍ଥିତ ରହିବାକୁ ବାଧ୍ୟ ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୫.୧)***

- ✓. ମଞ୍ଚର କାର୍ଯ୍ୟବଧି ପାରମ୍ଭରେ ବିଗତ ମଞ୍ଚର ପ୍ରସ୍ତାବ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିବରଣୀ ପାଠ କରାଯିବ । ଅବଶ୍ୟ-ଅନୁପାଳନୀୟ କାର୍ଯ୍ୟସୂଚୀର ପ୍ରତିଟି ବିଷୟ ଉପରେ ବିଶଦ୍ ଆଲୋଚନା କରାଯିବ ଏବଂ ପ୍ରତି ବ୍ୟାପାରରେ ସ୍ୱଚ୍ଛତା ରକ୍ଷା କରାଯାଇଛି କି ନାହିଁ, ତାହା ଆଲୋଚନା କରାଯିବ । ଆଲୋଚନା କାଳରେ ଲୋକେ ଉଠାଉଥିବା ପ୍ରତି ଆପତ୍ତି ଓ ଅଭିଯୋଗକୁ ଲିପିବଦ୍ଧ କରାଯିବ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶୀକାର ଅନୁଚ୍ଛେଦ ୧୧.୫.୧)***

✓ ମଞ୍ଚର ପ୍ରତି ନିଷ୍ପତ୍ତି ବା ପ୍ରସ୍ତାବ ଭୋଟ୍ ଦ୍ୱାରା ଗୃହୀତ ହେବ, କିନ୍ତୁ କାଟ୍ ଖାଇଯାଇଥିବା ଭିନ୍ନମତକୁ ମଧ୍ୟ ଲିପିବଦ୍ଧ କରାଯିବ । କାର୍ଯ୍ୟବିଧିର ବିବରଣୀକୁ ଲିପିବଦ୍ଧ କରିବାର ଦାୟିତ୍ୱ ସେଭଳି ଜଣେ ବ୍ୟକ୍ତିକୁ ଦିଆଯିବ ଯିଏକି କୌଣସି କାର୍ଯ୍ୟକାରକ ସଂସ୍ଥା ସହିତ ଜଡ଼ିତ ନଥିବେ । କାର୍ଯ୍ୟବିଧି ବିବରଣୀ ରେଜିଷ୍ଟରକୁ ମଞ୍ଚ ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟାମାନେ ସ୍ୱାକ୍ଷର କରିଥିବେ ଏବଂ ପୁଣି କାର୍ଯ୍ୟବିଧିର ବିବରଣୀ ଲେଖା ହେବା ପରେ ଆଉଥରେ ସ୍ୱାକ୍ଷର କରିବେ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୫.୧)***

✓. ସାମାଜିକ ସମୀକ୍ଷା ମଞ୍ଚର ବିବରଣୀକୁ କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟକୁ ଯଥାଶୀଘ୍ର ପ୍ରେରଣ କରାଯିବ ଏବଂ ସେମାନେ ତାହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏହାଛଡ଼ା ରାଜ୍ୟ ପରିଷଦ ଓ କେନ୍ଦ୍ରୀୟ ପରିଷଦ ସମୟାନ୍ତରରେ ସାମାଜିକ ସମୀକ୍ଷା ଆୟୋଜନର ପଦ୍ଧତି ଓ ପ୍ରକ୍ରିୟାକୁ ସମୀକ୍ଷଣ କରିବେ । ସାମାଜିକ ସମୀକ୍ଷାର ସୁପାରିଶ୍‌କୁ କାର୍ଯ୍ୟକାରୀ କରବାପାଇଁ ପ୍ରତି ସ୍ତରରେ ତତ୍ପରତା ଦେଖାଯିବା ଜରୁରୀ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୫.୧)***

✓. ସାମାଜିକ ସମୀକ୍ଷା ମଞ୍ଚ ଅନୁଷ୍ଠିତ ହେଉଥିବା ସମୟରେ ସୂଚନା ଅଧିକାର ଆଇନ୍ ଓ ସାମାଜିକ ସମୀକ୍ଷା ମାର୍ଗଦର୍ଶିକାକୁ ବ୍ୟାପକଭାବେ ପ୍ରସାରଣ କରିବାକୁ ପଡ଼ିବ, ଯାହାଫଳରେ ବର୍ଷରେ ସବୁ ସମୟରେ ଲୋକେ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଜାଗ ରହିବା ପାଇଁ ତାଲିମ୍‌ପ୍ରାପ୍ତ ହୋଇପାରିବେ । ***(ଦ୍ରଷ୍ଟବ୍ୟ: କେନ୍ଦ୍ରୀୟ ମାର୍ଗଦର୍ଶିକାର ଅନୁଚ୍ଛେଦ ୧୧.୫.୧)***

## ଏହି ଆଇନ୍ ଏବଂ ଓଡିଶାରେ ଏହାର କାର୍ଯ୍ୟକାରିତା ବ୍ୟାପାରରେ କେଉଁ କେଉଁ ଦଲିଲ୍ ଗୁରୁତ୍ୱପୂର୍ଣ୍ଣ ?

✓ ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଆଇନ୍-୨୦୦୫ ***(ଦ୍ରଷ୍ଟବ୍ୟ: ଭାରତ ସରକାରଙ୍କ ଅସାଧାରଣ ଗେଜେଟ୍ ତା ୭.୯.୨୦୦୫)***

✓ ଭାରତ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏନ୍.ଆର୍.ଇ.ଜି.ଏ.-୨୦୦୫ କ୍ରିୟାନ୍ୱୟନ ମାର୍ଗଦର୍ଶିକା **(ଦ୍ରଷ୍ଟବ୍ୟ: www.rural.nic.in )**

✓ କେନ୍ଦ୍ର ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ 'ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି (କେନ୍ଦ୍ରୀୟ ପରିଷଦ) ନିୟମାବଳୀ, ୨୦୦୬' ***(ଦ୍ରଷ୍ଟବ୍ୟ: ଭାରତ ସରକାରଙ୍କ ଅସାଧାରଣ ଗେଜେଟ୍ ତା ୨୫.୫.୨୦୦୬)***

✓ କେନ୍ଦ୍ର ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ 'ଜାତୀୟ ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠି ନିୟମାବଳୀ, ୨୦୦୬' ***(ଦ୍ରଷ୍ଟବ୍ୟ: ଭାରତ ସରକାରଙ୍କ ଅସାଧାରଣ ଗେଜେଟ୍ ତା ୩.୧.୨୦୦୭)***

- ✓ ଓଡିଶା ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍-୨୦୦୬ ***(ଦ୍ରଷ୍ଟବ୍ୟ: ଓଡିଶା ସରକାରଙ୍କ ଅସାଧାରଣ ଗେଜେଟ୍ ତା ୧୬.୧୨.୨୦୦୬)***

- ✓ ଜାତୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି (ଓଡିଶା ଗ୍ରାମାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ) ନିୟମାବଳୀ, ୨୦୦୭ ***(ଦ୍ରଷ୍ଟବ୍ୟ: ଓଡିଶା ସରକାରଙ୍କ ଅସାଧାରଣ ଗେଜେଟ୍ ତା ୧.୫.୨୦୦୭)***

- ✓ ଓଡିଶା ରାଜ୍ୟରେ ବିଡିଓଙ୍କୁ କାର୍ଯ୍ୟକ୍ରମ ଅଧିକାରୀ ରୂପେ ଘୋଷଣା ***(ଦ୍ରଷ୍ଟବ୍ୟ: ଓଡିଶା ସରକାରଙ୍କ ଅସାଧାରଣ ଗେଜେଟ୍ ତା ୪.୩.୨୦୦୬, ନଂ ୨୪୬)***

- ✓ ଓଡିଶା ରାଜ୍ୟରେ ଜିଲ୍ଲାପାଳଙ୍କୁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ରୂପେ ଘୋଷଣା ***(ଦ୍ରଷ୍ଟବ୍ୟ: ଓଡିଶା ସରକାରଙ୍କ ଅସାଧାରଣ ଗେଜେଟ୍ ତା ୪.୩.୨୦୦୬, ନଂ ୨୪୫)***

- ✓ ଓଡିଶା ରାଜ୍ୟରେ କମିଶନର୍-ସଚିବ, ପଞ୍ଚାୟତିରାଜ ବିଭାଗଙ୍କୁ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ରୂପେ ଘୋଷଣା ***(ଦ୍ରଷ୍ଟବ୍ୟ: ଓଡିଶା ସରକାରଙ୍କ ଅସାଧାରଣ ଗେଜେଟ୍ ତା ୪.୩.୨୦୦୬, ନଂ ୨୪୭)***

- ✓ ଓଡିଶା ରାଜ୍ୟରେ ଦୈନିକ ମଜୁରିର ବର୍ଦ୍ଧିତ ହାର ସମ୍ବନ୍ଧରେ ଘୋଷଣା ***(ଦ୍ରଷ୍ଟବ୍ୟ: ରାଜ୍ୟ ଶ୍ରମ ଓ ନିଯୁକ୍ତି ବିଭାଗ ଦ୍ୱାରା ଓଡିଶା ସରକାରଙ୍କ ଅସାଧାରଣ ଗେଜେଟ୍‌ରେ ପ୍ରକାଶନ ତା ୨୮.୪.୨୦୦୭, ନଂ ୭୧୨)***

- ✓ ଓଡିଶା ରାଜ୍ୟରେ ଠିକା-ଚୌକା କାମ ପାଇଁ ବର୍ଦ୍ଧିତ ମଜୁରି ହାର ସମ୍ବନ୍ଧରେ ଘୋଷଣା ***[ଦ୍ରଷ୍ଟବ୍ୟ: ରାଜ୍ୟ ପଞ୍ଚାୟତିରାଜ ବିଭାଗର ପତ୍ର ନଂ-୨୨୨୩୮(୩୮)ପି.ଆର୍./ ୨ଡବ୍ଲୁ.ଇ(୨)-୨୭-୦୬ ତା ୨୫.୧୧.୨୦୦୬]***

**ଏହି ଆଇନ୍ ସମ୍ବନ୍ଧରେ ଅନ୍ୟ କେତେକ ଜ୍ଞାତବ୍ୟ ତଥ୍ୟ**

- ✓ ଆଇନ୍‌ର କୌଣସି ପ୍ରାବ୍‌ଧାନକୁ କେହି ବ୍ୟକ୍ତି ଉଲ୍ଲଂଘନ କଲେ ତାଙ୍କ ବିରୁଦ୍ଧରେ ସର୍ବାଧିକ ଏକ ହଜାର ଟଙ୍କାର ଜୋରିମାନା ଲାଗୁ କରାଯାଇପାରିବ । ***(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୨୫)***

- ✓ ଆଇନ୍ ସହିତ ସଂଲଗ୍ନ ହୋଇଥିବା ୨ଟି ଅନୁସୂଚୀରେ ଥିବା ପ୍ରାବ୍‌ଧାନଗୁଡିକୁ ସଂଶୋଧନ କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି ***(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୨୯)*** ତଥା ଆଇନ୍‌ର ପ୍ରାରମ୍ଭ ତାରିଖର ୩ ବର୍ଷ ଭିତରେ ଏହାର କାର୍ଯ୍ୟକାରିତା ପ୍ରକ୍ରିୟାରେ କିଛି ଅସୁବିଧା

ଦେଖାଦେଲେ ତାକୁ ଦୂର କରିବାର କ୍ଷମତା ମଧ୍ୟ କେନ୍ଦ୍ର ସରକାରଙ୍କର ରହିଛି *(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୩୪)*।

✓ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଏବଂ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠିର ଗଠନ ଓ ପରିଚାଳନା ସମ୍ବନ୍ଧରେ କେନ୍ଦ୍ର ସରକାର ନିୟମାବଳୀ ପ୍ରଣୟନ କରିବେ *(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୩୧)* ଏବଂ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ ଏବଂ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠିର ଗଠନ ଓ ପରିଚାଳନା ସମ୍ବନ୍ଧରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିବେ *(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୩୨)*।

✓ ଆଇନ୍‌ର କାର୍ଯ୍ୟାନ୍ୱୟନ ପାଇଁ ପ୍ରତି ରାଜ୍ୟ ସରକାର ଗୋଟିଏ ସ୍କିମ୍ ବା ଯୋଜନା ପ୍ରଣୟନ କରିବେ, ଯେଉଁଥିରେ ଆଇନ୍‌ର ଅନୁସୂଚୀ-୧ରେ ଥିବା ସର୍ବନିମ୍ନ ବୈଶିଷ୍ଟ୍ୟସମୂହ ତଥା ଅନୁସୂଚୀ-୨ରେ ଥିବା ସର୍ତ୍ତାବଳୀ ଏବଂ ସୁବିଧାସୁଯୋଗଗୁଡିକ ସ୍ଥାନିତ ହୋଇଥିବ **(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୪ ଓ ୫)**।

✓ ଆଇନ୍‌ର କାର୍ଯ୍ୟକାରିତା ପ୍ରକ୍ରିୟାରେ ବ୍ୟୟ ହେଉଥିବା ଅର୍ଥରାଶିରୁ କେନ୍ଦ୍ର ସରକାର ବହନ କରିବେ -(୧) ଅଣକୁଶଳୀ ଶ୍ରମିକମାନଙ୍କ ମଜୁରି, (୨) କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକମାନଙ୍କ ମଜୁରି ସମେତ ସାମଗ୍ରୀ ବାବଦ ବ୍ୟୟର ତିନି-ଚତୁର୍ଥାଂଶ, (୩) କାର୍ଯ୍ୟକ୍ରମ ଅଧିକାରୀ ଏବଂ ସହାୟକ କର୍ମଚାରୀମାନଙ୍କ ବେତନ ଓ ଭତ୍ତା ସମେତ ପ୍ରଶାସନିକ ବ୍ୟୟର ସେତିକି ଅଂଶ ଯାହାକି କେନ୍ଦ୍ର ସରକାର ଧାର୍ଯ୍ୟ କରିବେ, (୪) କେନ୍ଦ୍ରୀୟ ପରିଷଦର ପ୍ରଶାସନିକ ବ୍ୟୟ, (୫) ଅନୁସୂଚୀ-୨ରେ ସୂଚୀତ ହୋଇଥିବା ସୁବିଧାସୁଯୋଗ ଗୁଡିକ ବାବଦରେ ବ୍ୟୟ, ତଥା (୬) ଆଉ ଯାହା କେନ୍ଦ୍ର ସରକାର ସ୍ଥିର କରିବେ। ଏହା ସହିତ ରାଜ୍ୟ ସରକାର ନିମ୍ନୋକ୍ତ ବ୍ୟୟମାନ ବହନ କରିବେ – (୧) ବେକାରୀ ଭତ୍ତା, (୨) କୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକମାନଙ୍କ ମଜୁରି ସମେତ ସାମଗ୍ରୀ ବାବଦ ବ୍ୟୟର ଏକ-ଚତୁର୍ଥାଂଶ, ଏବଂ (୩) ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ପ୍ରଶାସନିକ ବ୍ୟୟ *(ଦ୍ରଷ୍ଟବ୍ୟ: ଆଇନ୍‌ର ଧାରା ୨୨)*।

**(By Chitta Behera, 4A, Jubilee Tower, Choudhuy Bazar,Cuttack-9,M- 94375-77546, PH: 0671-2308518 & 2308137 (Res) Email: chittabehera1@yahoo.co.in)**